MAY 2023

# ବସୁନ୍ଧରା ବାର୍ତ୍ତା

Vasundhara Newsletter, 7th JUNE

KIIT Square, Plot No. #1731/C, Das Mohapatra Complex, Opposite of Sai Villa PO: KIIT Campus, Dist:, Patia Station Road, Patia, Bhubaneswar, Odisha 751024



## ସାରାଂଶ :

- ଶାଳମଞ୍ଜି ଓ ଆମ୍ବ କୋଇଲି ସଂଗ୍ରହ ଅଭିଯାନ ଆରମ୍ଭ
- ସହାରାଞ୍ଚଳରେ ଲଘୁବନଜାତ ଦ୍ରବ୍ୟର ଆବଶ୍ୟକତା ମୂଲ୍ୟାଙ୍କନ
- ଦୁଇ ଦିନିଆ ଏଫ୍ଆର୍ଏ ତାଲିମ
- ନୟାଗଡର ଦୁଇଗାଁକୁ ଗଲେ ଝାଡଖଣ୍ଡ ଦଳ
- କ୍ରିଟିକାଲ୍ ଲର୍ଣ୍ଣିଂ ଉପରେ ନୂଆ ପାଠ୍ୟକ୍ରମ
- ଜୈବବିବିଧତାର ମୂଲ୍ୟାଙ୍କନ
- ବୈଠକ ଓ ତାଲିମ
- ଶାଳପତ୍ର ପ୍ରୋସେସିଂ ୟୁନିଟ୍ ସ୍ଥାପନ
- ସିଏଫ୍ଆର୍ଏମ୍ସି ଗଠନ.
- ବିଭିନ୍ନ ସ୍ଥାନରୁ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ

## ଶାଳମଞ୍ଜି ଓ ଆମ୍ବ ଟାକୁଆ ସଂଗ୍ରହ ପାଇଁ ଅଭିଯାନ



ଶାଳମଞ୍ଜି ଓ ଆମ୍ବ କୋଇଲି କ୍ରୟ କରିବା ପାଇଁ ରାଜ୍ୟସ୍ତରୀୟ ମହିଳା ଜଙ୍ଗଲ ଅଧିବାସୀ ମହାସଂଘ 'ବନଜାତ' ସହ ମିଶି ବସୁନ୍ଧରା ଏକ ସୁନ୍ଦର ଅଭିଯାନ ଆରମ୍ଭ କରିଛି । ପ୍ରାଥମିକସ୍ତରରେ ଏହି ପ୍ରକ୍ରିୟା ରାଜ୍ୟର ୧୭ଟି ଜିଲ୍ଲାରୁ ଆରମ୍ଭ ହୋଇଛି । ଏହି ଅଭିଯାନ ସମ୍ପ୍ରଦାୟକୁ ଏକ ସାମୂହିକ ବଜାରୀକରଣ ପଦ୍ଧତି ସହ ପରିଚିତ କରାଇବାକୁ ପ୍ରୟାସ କରୁଛି । ନିକଟରେ ଏଥିପାଇଁ 'ବନଜାତ', ଓଡିଶା ଜୀବିକା ମିଶନ୍ ଏବଂ ଓର୍ମାସ୍ ସହିତ ଏକ ଏମ୍ଓୟୁ ସ୍ୱାକ୍ଷର କରିଛି । ବିଭିନ୍ନ ଜିଲ୍ଲା ପ୍ରଶାସନ ବି ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ସହାୟତାର ହାତ ବଢ଼ାଇଛନ୍ତି ।

## ଲଘୁବନଜାତ ଦ୍ରବ୍ୟର ଆବଶ୍ୟକତା ମୂଲ୍ୟାଙ୍କନ

ସହରରେ ରହୁଥିବା ପରିବାରଗୁଡିକର ଲଘୁବନଜାତ ଦ୍ରବ୍ୟର ଆବାଶ୍ୟକତାକୁ ଆକଳନ କରିବା ପାଇଁ ବସୁନ୍ଧରା ସହଭାଗିତାରେ ବନଜାତ ଦ୍ୱାରା ମିଳିତ ଭାବେ ଏକ ସର୍ଭେ ଆରମ୍ଭ ହୋଇଛି । ଏହି ସର୍ଭେର ମୂଳ ଆଭିମୁଖ୍ୟ ହେଲା ବନବାସୀଙ୍କ ଦ୍ୱାରା ପ୍ରାଥମିକ ଭାବେ ସଂଗ୍ରହ କରାଯାଉଥିବା ଲଘୁବନଜାତ ଦ୍ରବ୍ୟ ଯେପରିକି ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ପ୍ରତି ଉପାଦେୟ ପ୍ରାକୃତିକ ସାମଗ୍ରୀ ଓ ଅନ୍ୟାନ୍ୟ ଜଙ୍ଗଲ ଜାତ ଦ୍ରବ୍ୟକୁ ଲୋକାଭିମୁଖୀ କରିବା ।

ଏହାଛଡା ଲଘୁବନଜାତ ଦ୍ରବ୍ୟର ମୂଲ୍ୟ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିବା ଓ ଜଙ୍ଗଲବାସୀଙ୍କର ଜୀବିକା ନିର୍ବାହକୁ ନିରନ୍ତର ଭାବେ ସୁନିଶ୍ଚିତ କରିବା ଦିଗରେ ଏହି ଅଭିଯାନ ସହାୟକ ହେବ । କେବଳ ସେତିକି ନୁହେଁ ସହରାଞ୍ଚଳରେ ଲଘୁବନଜାତ ଦ୍ରବ୍ୟର ବିକ୍ରିବଟା ଦିଗରେ ଏହା ଏକ ବଜାର ସୃଷ୍ଟି କରିବ ଓ ଜଙ୍ଗଲ ଅଧିବାସୀଙ୍କ ଆୟରେ ନିରନ୍ତର ଭାବେ ଏହା ଏକ ଉତ୍ସ ଯୋଗାଇବ ।

ପ୍ରାକୃତିକ ସମ୍ପଦର ସଂରକ୍ଷଣ ଦ୍ୱାରା ବନବାସୀ କିପରି ନିରନ୍ତର ଆୟ ପାଇପାରିବେ ଓ ସହରବାସୀ କିପରି ସୁବିଧାରେ ଲଘୁବନଜାତ ଦ୍ରବ୍ୟ ଗୁଡିକୁ ନିଜର ଆବଶ୍ୟକତା ହିସାବରେ ପାଇ ପାରିବେ ସେ ଦିଗରେ ଏହି ଅଭିଯାନ ସହାୟକ ହେବ ।



## ଜଙ୍ଗଲ ଅଧିକାର ଅଧୀନିୟମ ତାଲିମ



ଚଳିତ ମାସ ବସୁନ୍ଧରା ଦ୍ୱାରା ସିଓ୍ୱାଇଏସ୍‌ଡି ସମ୍ମିଳନୀ କକ୍ଷରେ ଜଙ୍ଗଲ ଅଧିକାର ଅଧୀନିୟମ ଉପରେ ଦୁଇଦିନିଆ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ୭୦ ଜଣ ଅଂଶ ଗ୍ରହଣକାରୀଙ୍କୁ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତାର ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରାଯାଇଥିଲା ।

ଏହି ପ୍ରଶିକ୍ଷଣର ମୂଳ ଆଭିମୁଖ୍ୟ ଥିଲା ଜଙ୍ଗଲ ଅଧିକାର ଅଧୀନିୟମ ଉପରେ ବିଶେଷଜ୍ଞ ପ୍ରଶିକ୍ଷକ ସୃଷ୍ଟି କରିବା । ଯିଏକି ଆସନ୍ତା ଦିନରେ ପିଆର୍‌ଆଇ ସଦସ୍ୟ, ଏହି ପ୍ରକ୍ରିୟା ସହ ସାମିଲ ଥିବା ବିଭିନ୍ନ ଅଧିକାରୀ, ଫ୍ରଣ୍ଟଲାଇନ୍ କାର୍ଯ୍ୟକର୍ତ୍ତା ଓ ଜିଲ୍ଲା ପ୍ରଶାସନକୁ ଜଙ୍ଗଲ ଅଧିକାର ଅଧୀନିୟମକୁ ଠିକ୍ ଭାବେ ଲାଗୁ କରିବା ଦିଗରେ ସହଯୋଗ କରିବେ ।
ଏହାବାଦ୍ ଗ୍ରାମ୍ୟସ୍ତରରେ ହେଉଥିବା ଦାବି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଜଙ୍ଗଲ ଅଧିକାର ଅଧୀନିୟମ କାର୍ଯ୍ୟକ୍ରମ ପାଇଁ ନିଯୁକ୍ତ ଅଧିକାରୀ ଓ ପରାମର୍ଶଦାତାଙ୍କୁ ମାର୍ଗଦର୍ଶନ କରିବା ଉପରେ ତାଲିମ ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମ ଅଧୀନରେ ଅଂଶଗ୍ରହଣକାରୀମାନେ ନୟାଗଡ ଜିଲ୍ଲାର ୪ଟି ଗାଁ ଯଥା ଡେଙ୍ଗାଝରୀ, ହରିପୁର, ତିନିମୌଜା, ସିନ୍ଧୁରିଆ-କୋଦାଳପଲ୍ଲୀକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ ।

**ସିଏଫ୍‌ଆର୍‌ଏମ୍‌ସି ଗଠନ ଓ ବୈଠକ:**

କୁସୁମଗୁଡା ଗାଁ, ତୁନିଆପଡା ଗାଁ

**ଏଫ୍‌ଆର୍‌ସି ଗଠନ:**

ବାଲିଖରି ଗାଁ, ଦୁବୁଲାବେଡା ଗାଁ

**ସିଆର୍-ସିଏଫ୍‌ଆର୍ ଦାବି ଉପସ୍ଥାପନ ପ୍ରକ୍ରିୟା:**
ଗୁହାଳଡଙ୍ଗରୀ ଗାଁ

# ଜୈବବିବିଧତାର ମୂଲ୍ୟାଙ୍କନ

ନୟାଗଡ ଜିଲ୍ଲାର ବନବାସୀଙ୍କ ଦ୍ୱାରା ସଂରକ୍ଷିତ କରାଯାଇଥିବା ଜଙ୍ଗଲରେ ଜୈବବିବିଧତା ଓ ବାୟୋମାସ୍‌ର ମୂଲ୍ୟାଙ୍କନ ପାଇଁ ବସୁନ୍ଧରା ଦ୍ୱାରା ଏକ ପ୍ରକ୍ରିୟା ଆରମ୍ଭ କରାଯାଇଛି । ପ୍ରାଥମିକ ଭାବେ ଜିଲ୍ଲାର ଆଖୁପଦର ଓ ଡେଙ୍ଗାଝରୀ ଗାଁରେ ଏହି ମୂଲ୍ୟାଙ୍କନ ପ୍ରକ୍ରିୟା ଚାଲୁଛି ।

ଏଥିପାଇଁ ଗ୍ରାମ୍ୟ ଜଙ୍ଗଲରେ ଦୁଇଟି ନିର୍ଦ୍ଦିଷ୍ଟ ସ୍ଥାନ ଚୟନ କରାଯାଇଛି । ବସୁନ୍ଧରାର ଜୈବବିବିଧତା ଦଳ ପକ୍ଷରୁ କ୍ୱାଡ୍ରାଣ୍ଟ ପ୍ଲଟିଙ୍ଗ ସାମ୍ପଲିଙ୍ଗ ମେଥଡ ଗ୍ରହଣ କରାଯାଇ ଜଙ୍ଗଲରେ ବୃକ୍ଷର ପ୍ରଜାତି, ପୁଷ୍ପ ପ୍ରଜାତି, ଗୁଳ୍ମ, ଲତା ପ୍ରଜାତି ଓ ବନ୍ୟଜନ୍ତୁଙ୍କ ପାଦ ଚିହ୍ନକୁ ପରଖିବାକୁ ପ୍ରୟାସ କରାଯାଇଛି ।

ସ୍ଥାନୀୟ ବନବାସୀଙ୍କ ଭାଗିଦାରିତାରେ ଜଙ୍ଗଲ ସଂରକ୍ଷଣକୁ ବୈଜ୍ଞାନିକ ମାପକାଠିରେ ଚୟନ କରିବା ଓ ସାମ୍ପ୍ରଦାୟିକ ସହଭାଗିତାରେ ସ୍ଥାନୀୟ ଜଙ୍ଗଲ କିପରି ପରିଚାଳନା କରାଯାଇଛି ତାକୁ ନୂଆ ରୂପ ଦେବା ଏହି ଅନୁସନ୍ଧାନର ମୂଳ ଆଭିମୁଖ୍ୟ ।

## ମହିଳାଙ୍କୁ ସଶକ୍ତ କରିଛି ଶାଳ ଓ ଶିଆଳିପତ୍ର

ମୟୂରଭଞ୍ଜ ଜିଲ୍ଲା ଚକ୍ରଧରପୁର ବ୍ଲକ୍‌ର କାଦମାହା, ପଦ୍ରିମାହା ଓ ଦୁଗୁଡିପଦର ଗାଁର ମହିଳାମାନେ ଏବେ ଶାଳପତ୍ର ଖଲି ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି ।

ସେମାନେ ପ୍ରାୟତଃ ୧୮ରୁ ୧୯ ଇଞ୍ଚର ହାତ ତିଆରି ଥାଳି ପ୍ରସ୍ତୁତ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ତିନି ଗାଁର ମହିଳାମାନେ ୫୦ ହଜାରରୁ ଅଧିକ ଖଲି ଟିପି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ସ୍ୱାଭିମାନର ଜୀବନ ଜିଉଁଛନ୍ତି ।



## ଆରମ୍ଭ ହେଲା 'କ୍ରିଟିକାଲ ଲର୍ଣ୍ଣିଂ'ଶୀର୍ଷକ ନୂଆ ପାଠ୍ୟକ୍ରମ



ବସୁନ୍ଧରା, ନାଗରିକ ଲର୍ଣ୍ଣିଂ ଓ ଲିଗାଲ ରିସୋର୍ସ ସେଣ୍ଟର ମିଳିତ ଭାବେ ନୂଆ କରି କ୍ରିଟିକାଲ ଲର୍ଣ୍ଣିଂ ଶୀର୍ଷକ ଏକ ଅନ୍‌ଲାଇନ୍ ପାଠ୍ୟକ୍ରମ ଆରମ୍ଭ କରିଛନ୍ତି । ଅଡିଓ ଭିଜୁଆଲ ଫର୍ମାଟରେ ଆରମ୍ଭ ହୋଇଥିବା ଏହି ପାଠ୍ୟକ୍ରମ ଦ୍ୱାରା ଜଣେ 'ଜଙ୍ଗଲ ଓ ଆଦିବାସୀଙ୍କ ଅଧିକାର' ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଅନେକ ଅନାଲୋଚିତ କଥା ଜାଣି ପାରିବ । ଏନେଇ ମାର୍ଚ୍ଚ ୨୩ରେ ଆୟୋଜିତ ଉନ୍ମୋଚନ କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ ।
ଯେଉଁଥିରେ ଅତିଥି ଭାବେ ସିଆର୍ ବିଜୟ, ସୀମା ମିଶ୍ର, ଶାଳିନୀ ଗେରା, ଶଙ୍କର ପାଣି ଓ ୱାଇ ଗିରି ରାଓ ଆଦି ଅତିଥି ଭାବେ ଯୋଗ ଦେଇଥିଲେ । ପାଠ୍ୟକ୍ରମରେ ଅତି ସରଳ ଭାବେ ଆଦିବାସୀ ଓ ଜଙ୍ଗଲ ଅଧିବାସୀଙ୍କ ସାମ୍ବିଧାନିକ ଓ ଆଇନଗତ ଅଧିକାର, ଜଙ୍ଗଲ ଅଧିକାର ଅଧୀନିୟମ (ଏଫ୍‌ଆର୍‌ଏ) ଏବଂ ପଞ୍ଚାୟତ ଆଇନ,ପେସା ଆଇନ ଆଦିକୁ ବର୍ଣ୍ଣନା କରାଯାଇଛି ।

ଜଙ୍ଗଲ ଅଧିକାର ଅଧୀନିୟମ ସହ ଅନ୍ୟ ନିୟମ କିପରି ମିଳିତ ଭାବେ କାମ କରେ ତାହାର ଏକ ନୂତନ ଦିଗକୁ ଖୁବ୍ ସୁନ୍ଦର ଭାବେ ନୂଆ ପାଠ୍ୟକ୍ରମରେ ଅବତାରଣା କରାଯାଇଛି । ଯେପରିକି ଜଙ୍ଗଲ ଅଧିକାର ଅଧୀନିୟମ ସହ ଫରେଷ୍ଟ ଗଭର୍ଣ୍ଣାନ୍ସ (ଜଙ୍ଗଲ ଅନୁଶାସନ), ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ, ଖଣି, ବନୀକରଣରେ କ୍ଷତିପୂରଣ, ପରିବେଶ ସୁରକ୍ଷା, ଖାଦ୍ୟ ନିରାପତ୍ତା, ସୂଚନା ଅଧିକାର ଅଧୀନିୟମ ଆଦି ମିଳିତ ଭାବେ କାମ କରେ ତାହା ବୁଝାଇବାକୁ ପ୍ରୟାସ କରାଯାଇଛି ।
ପାଠ୍ୟକ୍ରମରେ ୩ଟି ମଡ୍ୟୁଲ, ୧୮ଟି ଭିଡିଓ ଲେକ୍‌ଚର, ସାଧାରଣଜ୍ଞାନ ପରୀକ୍ଷା, ଅତିରିକ୍ତ ପାଠ୍ୟ ସାମଗ୍ରୀ ଆଦି, ବାଠ୍ୟକ୍ରମର ୱେବ୍ ଲିଙ୍କ ଆଦି ପ୍ରଦାନ କରାଯାଇଛି । ଯାହାକି ଶିକ୍ଷାର୍ଥୀମାନଙ୍କୁ ଗଭୀର ଭାବେ ଏହି ବିଷୟକୁ ବୁଝିବାରେ ସାହାଯ୍ୟ କରିବ । ପାଠ୍ୟକ୍ରମକୁ ଜଣେ ଚାହିଁଲେ ୱେବ୍‌ସାଇଟ୍‌ରେ ମଧ୍ୟ ପାଇ ପାରିବେ ।

## ବୈଠକ ଓ ତାଲିମ

୧) ମୟୂରଭଞ୍ଜ ଜଙ୍ଗଲ ମଞ୍ଚ ପକ୍ଷରୁ ବାରିପଦାଠାରେ ଜଙ୍ଗଲ ଅଧିକାର ଅଧୀନିୟମ ସମୀକ୍ଷା ବୈଠକ ।

୨)ରାଇରଙ୍ଗପୁରର କୁଟାପୋଖରିଆଠାରେ ଜଙ୍ଗଲ ଅଧିକାର ଅଧୀନିୟମ ସମ୍ପର୍କିତ ଦାବି ଉପସ୍ଥାପନ ପ୍ରକ୍ରିୟା ବୈଠକ ।

୩) ଲଘୁବନଜାତ ଦ୍ରବ୍ୟର ବ୍ୟବସାୟକୁ ନେଇ ଯଶୀପୁରର ଜେଣ୍ଟେସାହି ଗାଁରେ ଆଞ୍ଚଳିକ ବୈଠକ ।

୪) ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ପାସାମପୋଖରୀ ଗାଁରେ ଜଙ୍ଗଲ ଅଧିକାର ଅଧୀନିୟମ ସଚେତନତା ବୈଠକ ।

୫) ମୟୂରଭଞ୍ଜ ଜଙ୍ଗଲ ମଞ୍ଚ ସହ ଜଙ୍ଗଲ ଅଧିକାର ଅଧୀନିୟମ ଏବଂ ଜୀବିକା ସମ୍ପର୍କିତ ଆଲୋଚନା ସଭା ।

୬) ଜଙ୍ଗଲ ଅଧିକାର ଅଧୀନିୟମ ବାବଦରେ ଜଣାଇବା ପାଇଁ ଦେଓଗଡର ପ୍ରଧାନପାଟ ଅଞ୍ଚଳରେ ଜିଲ୍ଲା ଜଙ୍ଗଲ ମଞ୍ଚର ଜିଲ୍ଲା ସ୍ତରୀୟ ବୈଠକ ।

୭)ଶାଳ ମଞ୍ଜି ଓ ଆମ୍ବ କୋଇଲି ସଂଗ୍ରହ ପାଇଁ ସରଗିଫୁଲ ଦ୍ୱାରା ଆଲୋଚନା ବୈଠକ ।

୮) ମୟୂରଭଞ୍ଜର ହାତୀଆ ଗାଁରେ ଜଙ୍ଗଲ ଅଧିକାର ଅଧୀନିୟମ ବୈଠକ ।

୯) ରଣପୁରର କୁଟପୋଖରୀ ଗାଁରେ ଜିପିଏସ୍ ମ୍ୟାପିଂ ତାଲିମ ।

## କ୍ଷେତ୍ର ପରିଦର୍ଶନରେ ଝାଡଖଣ୍ଡ ଦଳ



ସ୍ଥାନୀୟ ଜନ ସମୁଦାୟ ଦ୍ୱାରା କିପରି ଜଙ୍ଗଲ ସୁରକ୍ଷା କରାଯାଏ ଓ କିପରି ଜଙ୍ଗଲ ଅଧିକାରକୁ ସୁନିଶ୍ଚିତ କରାଯାଏ ତାହାକୁ ବୁଝିବା ପାଇଁ ଝାଡଖଣ୍ଡର ଦାଲଟୋନ୍‌ଗଞ୍ଜ ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଦୁଇଦିନିଆ ଓଡିଶା ଗସ୍ତରେ ଆସିଛନ୍ତି । ସମଗ୍ର ଉତ୍ଥାନ ସମିତି ନାମକ ଏହି ସଙ୍ଗଠନ ବସୁନ୍ଧରା କାମ କରୁଥିବା ଦୁଇଟି ଗାଁକୁ କ୍ଷେତ୍ର ପରିଦର୍ଶନରେ ଯାଇଛନ୍ତି ।

ଏହି ଅବସରରେ ସଂଘର ସଦସ୍ୟମାନେ ନୟାଗଡ ଜିଲ୍ଲାର କଳସଖମନ ଓ କୋଦାଳପଲ୍ଲୀ ଗାଁରେ ସମ୍ପ୍ରଦାୟ ଭିତ୍ତିକ ଜଙ୍ଗଲ ପରିଚାଳନା ପ୍ରଣାଳୀ, ମହିଳାଙ୍କ ଦ୍ୱାରା ଜଙ୍ଗଲ ସୁରକ୍ଷା, ଆଇଏଫ୍‌ଆରର ଦାବି ଉପସ୍ଥାପନ ପ୍ରକ୍ରିୟା, ସିଆର୍ ଓ ସିଏଫ୍‌ଆର ଆଦିକୁ ଭଲ ଭାବେ ବୁଝିଥିଲେ । ଦଳ ସିଧାସଳଖ ଗ୍ରାମସଭା ସଦସ୍ୟମାନଙ୍କ ଓ ବନ ଅଧିକାର କମିଟି ସଦସ୍ୟଙ୍କ ସହ ଜଙ୍ଗଲ ଅଧିକାର ଅଧୀନିୟମରେ






ସାନକାମେଡି ଅଞ୍ଚଳରେ ଶାଳପତ୍ର ପ୍ରୋସେସିଂ ୟୁନିଟ୍ ଉଦ୍‌ଘାଟନୀ ଉତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ, ବ୍ଲକ୍ ଚେୟାରମେନ୍, ସରପଞ୍ଚ ଓ ବନପାଳ ଅଂଶଗ୍ରହଣ କରିଛନ୍ତି ।

# ବିଭିନ୍ନ କ୍ଷେତ୍ରରୁ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ



ନୟାଗଡ ଜିଲ୍ଲାର ୧୦ଟି ପିଜିର ସଦସ୍ୟ  ୮୪୭ କୁଇଣ୍ଟାଲ କାଜୁ ମଞ୍ଜି ବିକ୍ରି କରି ସାରିଲେଣି । କିଲୋପ୍ରତି ୯୦ ଟଙ୍କା ହିସାବରେ ଏମାନେ ୭୬ ଲକ୍ଷ ୨୩ ହଜାର ଟଙ୍କା ଆୟ କରିଛନ୍ତି ।



ଚଳିତ ମାସରେ ବସୁନ୍ଧରାର ବିଭିନ୍ନ କ୍ଷେତ୍ରାଞ୍ଚଳରୁ ୨.୫ ଲକ୍ଷ ଶାଳ/ଶିଆଳିପତ୍ର ଦୋନା ବଜାରୀକରଣ କରାଯାଇ ପାରିଛି । ରଣପୁର, ଦଶପଲ୍ଲା ଓ କନ୍ଧମାଳ ଅଞ୍ଚଳର ବିଭିନ୍ନ ମହିଳା ଗୋଷ୍ଠୀ ଶାଳ/ଶିଆଳିପତ୍ର କାମରେ ସମୟ ଅତିବାହିତ କରୁଥିବା ବେଳେ ଏବେ ତାହା ସେମାନଙ୍କର ବିକଳ୍ପ ରୋଜଗାରର ମାଧ୍ୟମ ସାଜିପାରିଛି ।

ଆଦିବାସୀ ମହିଳା ଫେଡେରେସନ୍ ଦ୍ୱାରା ମୟୂରଭଞ୍ଜ, ସମ୍ବଲପୁର, ଢେଙ୍କାନାଳ, ଅନୁଗୁଳ, ଯାଜପୁର, ନବରଙ୍ଗପୁର, ବାଲେଶ୍ୱର ଓ କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରୁ ୬୮୭୦ ଟନ୍ ଶାଳ ମଞ୍ଜି ସଂଗ୍ରହ କରାଯାଇ କରାଯାଇଛି ।



ଜଙ୍ଗଲ ଉପରେ ନିର୍ଭରଶୀଳ ପ୍ରାଥମିକ ସଂଗ୍ରହକାରୀଙ୍କଠାରୁ ୨୫୦ କୁଇଣ୍ଟାଲ ତେନ୍ତୁଳି ସଂଗ୍ରହ କରାଯାଇଛି । ବସୁନ୍ଧରାର କ୍ଷେତ୍ରାଞ୍ଚଳ ଭିତରୁ ଯଶୀପୁରରୁ (୫୦ କୁଇଣ୍ଟାଲ), କନ୍ଧମାଳ (୩୫ କୁଇଣ୍ଟାଲ), ନୟାଗଡ (୧୫ କୁଇଣ୍ଟାଲ) ତେନ୍ତୁଳି ସଂଗ୍ରହ ହୋଇଛି ।

